# NATIONAL NEWS BULLETIN (ODIA)
## 15th September - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଭାରତୀୟ ସେନାବାହିନୀର ଭିଜନ୍-୨୦୪୭କୁ ଉନ୍ମୋଚନ କରିବା ସହିତ ଦେଶ ନିର୍ମାଣରେ ସେନାର ଅବଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ଆଜି ବିହାରରେ ୪୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିବିଧ ବିକାଶମୂଳକ ପ୍ରକଳ୍ପର କରିଛନ୍ତି ଶିଳାନ୍ୟାସ ଓ ଲୋକାର୍ପଣ ।

- ୱାକଫ୍ ସଂଶୋଧନ ଆଇନ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିବାକୁ ଅଗ୍ରାହ୍ୟ କଲେ ସୁପ୍ରିମ୍‌କୋର୍ଟ ।

- ସମଗ୍ର ଦେଶକୁ ଖୁବ୍‌ଶୀଘ୍ର ନକ୍ସଲମୁକ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦୃଢ଼ୋକ୍ତି ।

ଏବଂ

- ହାଇଦ୍ରାବାଦଠାରେ ଆସନ୍ତାକାଲି ଗୁରୁତ୍ୱପୂର୍ଣ୍ଣ ଓ ରଣନୈତିକ ଖଣିଜ ବ୍ଲକ୍‌ର ଷଷ୍ଠ ପର୍ଯ୍ୟାୟ ନିଲାମର ଶୁଭାରମ୍ଭ କରିବେ କୋଇଲା ଓ ଖଣି ମନ୍ତ୍ରୀ ।

## ପି.ଏମ୍. - କୋଲ୍‌କାତା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ସେନାବାହିନୀର ସାହସିକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଆଜି କୋଲ୍‌କାତାର ବିଜୟଦୁର୍ଗଠାରେ ଭାରତୀୟ ସେନା ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟାଳୟରେ କମାଣ୍ଡରସ୍ତରୀୟ ଯୁଗ୍ମ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀ ମୋଦି ଏହି ଅବସରରେ ଦେଶ ନିର୍ମାଣ ଦିଗରେ ସେନାବାହିନୀର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ମଧ୍ୟ ଆଲୋକପାତ କରିଛନ୍ତି । ଭାରତୀୟ ସେନାବାହିନୀର ଭିଜନ-୨୦୪୭କୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି "ସଂସ୍କାରର ବର୍ଷ : ଭବିଷ୍ୟତ ଲାଗି ରୂପାନ୍ତରୀକରଣ" । ଏହି ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନିଲ୍

ଚୌହାନ୍ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଗତି ସହିତ ସେନାର ୩ ବାହିନୀ ମଧ୍ୟରେ ସମନ୍ୱୟ ଓ ଆଧୁନିକୀକରଣ ଆଦି ପ୍ରମୁଖ ପ୍ରସଙ୍ଗ ଉପରେ ଏଥିରେ ଆଲୋଚନା କରାଯାଇଥିବା ଜଣାଯାଇଛି ।

## ବିହାର - ପି.ଏମ୍. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିହାରରେ ୪୦ ହାଜର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ  ପୂର୍ଣ୍ଣିଆ ଜିଲ୍ଲା ଅନ୍ତର୍ଗତ ଗୁଲାବବାଗର ସିସାବାଡ଼ିଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ଡବଲ୍ ଇଞ୍ଜିନ ସରକାର ବିହାରବାସୀଙ୍କ ଜୀବନଧାରଣର ମାନକୁ ଅଧିକ ସୁଗମ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ବିହାରର ଏହି ବହୁବିଧ କଲ୍ୟାଣକାରୀ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦି କହିଛନ୍ତି :

***Voice (PM Bihar)*** :.........

ଆଜି ପୂର୍ଣ୍ଣିଆଠାରେ ନବନିର୍ମିତ ବିମାନ ବନ୍ଦରକୁ ଉଦ୍‌ଘାଟନ କରି ସେ କହିଛନ୍ତି, ବର୍ତ୍ତମାନ ଦେଶର ବିମାନ ଚଳାଚଳ ମାନଚିତ୍ରରେ ପୂର୍ଣ୍ଣିଆ ସ୍ଥାନ

ପାଇଛି । ଏଣିକି ଏଠାରୁ ଦେଶର ଅନ୍ୟ ଭାଗକୁ ବିମାନ ଯାତ୍ରା ସୁଗମ ହୋଇପାରିବ ।

ବିହାରର ଜାତୀୟ ମଖାନା ବୋର୍ଡ଼ର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ସେଠାରେ ଏହି ବୋର୍ଡ଼ ସ୍ଥାପନ କରିବେ ବୋଲି ପୂର୍ବରୁ ସେ ବିହାରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମଖାନା ଓ ବିହାର ମଧ୍ୟରେ ଥିବା ଦୃଢ଼ ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି, ଦେଶର ମୋଟ ମଖାନା ଉତ୍ପାଦନ ମଧ୍ୟରୁ ବିହାରର ପ୍ରାୟ ୯୦ ପ୍ରତିଶତ ଅବଦାନ ରହିଛି । ଏହି କ୍ଷେତ୍ର ସହିତ ସମ୍ପୃକ୍ତ ବିହାରର ବିଶେଷକରି ମଧୁବନୀ, ଦରଭଙ୍ଗା, ସୀତାମାଢ଼ି, ସାହାର୍‌ସା, କଟିହାର, ପୂର୍ଣ୍ଣିଆ, ସୁପଉଲ୍, କିଷାନ୍‌ଗଞ୍ଜ ଓ ଆରାରିଆ ଆଦି ଅଞ୍ଚଳର କୃଷକମାନେ ଏହାଦ୍ୱାରା ଉପକୃତ ହୋଇପାରିବେ । ମଖାନାର ଉତ୍ପାଦନ ଓ ବିକାଶ ଦିଗରେ ନୂତନ ଜ୍ଞାନକୌଶଳର ପ୍ରୟୋଗ, ଅମଳ ପରବର୍ତ୍ତୀ ପରିଚାଳନା ପ୍ରକ୍ରିୟାକୁ ସୁଦୃଢ଼ କରିବା, ପ୍ରକ୍ରିୟାକରଣ ଏବଂ ଉନ୍ନତ ମାନ ବଜାୟ ରଖିବା, ବଜାର ସୁବିଧା ସହ ରପ୍ତାନୀର ସୁଯୋଗ ସୃଷ୍ଟି କରିବା ଆଦି ସୁବିଧା ଏହି ବୋର୍ଡ଼ ମାଧ୍ୟମରେ ଉପଲବ୍ଧ ହେବ ବୋଲି ସେ କହିଛନ୍ତି ।

***Voice (PM Makhana) :………***

ଶକ୍ତିକ୍ଷେତ୍ରକୁ ରାଜ୍ୟରେ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆଜି ଭାଗଲ୍‌ପୁରର ପିର୍‌ପାଇଣ୍ଟିଠାରେ ୨ ହଜାର ୪୦୦ ମେଗାୱାଟ୍ ଶକ୍ତିସମ୍ପନ୍ନ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଲାଗି ଶିଳାନ୍ୟାସ କରିଛନ୍ତି । ଏହାଛଡ଼ା ୨

ହଜାର ୬୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କୋଶି-ମେଚି ଆନ୍ତଃ ନଦୀ ସଂଯୋଗୀକରଣ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଲାଗି ମଧ୍ୟ ଆଜି ଶ୍ରୀ ମୋଦି ଶିଳାନ୍ୟାସ କରିଛନ୍ତି ।

ରେଳ କ୍ଷେତ୍ରରେ ଯାତାୟତକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ବିବିଧ ପ୍ରକଳ୍ପ ଲାଗି ଶିଳାନ୍ୟାସ କରିବା ସହ ନୂତନ ଟ୍ରେନ୍‌ଗୁଡ଼ିକର ଶୁଭାରମ୍ଭ କରିଛନ୍ତି । ରାଜ୍ୟରେ ଏକ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି :

***Voice (PM Railway)*** :.........

## ଏସ୍.ସି. - ୱାକଫ୍

ୱାକଫ୍ ସଂଶୋଧନ ଆଇନ-୨୦୨୫ର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିବା ଲାଗି ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଛନ୍ତି । ତେବେ ଆଇନର କେତେକ ଧାରାର କାର୍ଯ୍ୟକାରିତା ଉପରେ ସୁପ୍ରିମ୍‌କୋର୍ଟ ମଧ୍ୟବର୍ତ୍ତୀକାଳୀନ ନିଷେଧାଦେଶ ଜାରି କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ ଓ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସିହ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ତେବେ କ୍ରମାଗତ ୫ ବର୍ଷଧରି ମୁସ୍‌ଲିମ୍ ଧର୍ମ ପାଳନ କରିଥିବା ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ୱାକଫ୍ ବୋର୍ଡ଼କୁ ସମ୍ପତ୍ତି ପ୍ରଦାନ

ସଂକ୍ରାନ୍ତ ଧାରା ଉପରେ ସର୍ବୋଚ୍ଚ ଅଦାଲତ ମଧ୍ୟବର୍ତ୍ତୀକାଳୀନ ନିଷେଧାଦେଶ ଜାରି କରିଛନ୍ତି । ରାଜ୍ୟ ସରକାର ଏନେଇ ନୀତି ପ୍ରଣୟନ କରିବା ପର୍ଯ୍ୟନ୍ତ ଏହି ନିଷେଧାଦେଶ ବଳବତ୍ତର ରହିବା ନେଇ ଅଦାଲତ ସ୍ପଷ୍ଟ କରିଛନ୍ତି ।

## ରିଜିଜୁ - ୱାକଫ୍

ୱାକଫ୍ ସଂଶୋଧନ ବିଲ୍ ଉପରେ ସୁପ୍ରିମ୍ କୋର୍ଟଙ୍କ ରାୟକୁ ଆଜି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସ୍ୱାଗତ କରିଛନ୍ତି । ମୁମ୍ବାଇଠାରେ ଗଣମାଧ୍ୟମ ସହିତ କଥାବାର୍ତ୍ତାବେଳେ ନିଜର ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ସଂସଦ ଇତିହାସରେ ସର୍ବାଧିକ ସମୟର ଆଲୋଚନା ପରେ ଏହି ବିଲ୍ ପାରିତ ହୋଇଛି । ଏହାଦ୍ୱାରା ସମଗ୍ର ମୁସଲ୍‌ମାନ ସମ୍ପ୍ରଦାୟ ଉପକୃତ ହେବେ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

***Voice (Rijiju - Waqf)*** :............

## ଶାହା - ନକ୍ସଲ୍ ଅପରେସନ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଆଜି ସି.ଆର୍.ପି.ଏଫ୍.ର କୋବ୍ରା ବାଟାଲିୟନ୍ ଓ ଝାଡ଼ଖଣ୍ଡ ପୁଲିସ ମିଳିତ ଭାବେ ହଜାରିବାଗ୍‌ଠାରେ ନକ୍ସଲ୍ ବିରୋଧୀ ଅପରେସନ୍‌ରେ ଏକ ଉଲ୍ଲେଖନୀୟ ସଫଳତା ମିଳିଛି । ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଏହି ଅପରେସନ୍‌ରେ କୁଖ୍ୟାତ ନକ୍ସଲ୍ କମାଣ୍ଡର ସହଦେବ ସୋରେନ୍ ନିହତ ହୋଇଛି । ସହଦେବ ଲାଗି ୧ କୋଟି ଟଙ୍କାର ନଗଦ ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଏଥିସହିତ ଅନ୍ୟ ଦୁଇ ସହଯୋଗୀ ରଘୁନାଥ ହେମ୍ବ୍ରମ୍ ଓ ବୀରସେନ୍ ଗାଞ୍ଜୁ, ଯାହାଙ୍କ ନାମରେ ମଧ୍ୟ ଆର୍ଥିକ ପୁରସ୍କାର ରାଶି ଘୋଷଣା କରାଯାଇଥିଲା, ସେମାନଙ୍କର ମଧ୍ୟ ମୃତ୍ୟୁ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି । ଉତ୍ତର ଝାଡ଼ଖଣ୍ଡର ବୋକାରୋ ଅଞ୍ଚଳରୁ ନକ୍ସଲବାଦ ସମ୍ପୂର୍ଣ୍ଣରୂପେ ଶେଷ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିବା ସହିତ ସମଗ୍ର ଦେଶକୁ ଖୁବ୍‌ଶୀଘ୍ର ନକ୍ସଲ ସମସ୍ୟାରୁ ମୁକ୍ତ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ରେଡ୍ଡୀ - ଅକ୍ସନ୍

କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଆସନ୍ତାକାଲି ହାଇଦ୍ରାବାଦଠାରେ ଗୁରୁତ୍ୱପୂର୍ଣ୍ଣ ଓ ରଣନୈତିକ ଖଣିଜ ବ୍ଲକ୍‌ର ଷଷ୍ଠ ପର୍ଯ୍ୟାୟ ନିଲାମର ଶୁଭାରମ୍ଭ କରିବେ । ଏହି ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟର ୪ଟି ବ୍ଲକ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି । ଏପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରେ ଥିବା ୩୪ଟି ବ୍ଲକ୍‌କୁ ନିଲାମ କରାଯାଇସାରିଛି ଏବଂ ଏଥିରୁ ଆସୁଥିବା ରାଜସ୍ୱ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ରାଜକୋଷକୁ ଯାଉଛି ବୋଲି

କୋଇଲା ଓ ଖଣି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାର କରାଯିବ । ଆଜିକାର ବିଷୟବସ୍ତୁ ରହିଛି **ମଶାବାହିତ ରୋଗର କାରଣ ଓ ନିରାକରଣ ।** ରାଷ୍ଟ୍ରୀୟ ଭୂତାଣୁ ବାହିତ ରୋଗ ନିୟନ୍ତ୍ରଣ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ତନୁ ଜୈନ ଏବଂ ଗ୍ରେଟର ନଏଡା ସରକାରୀ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡାକ୍ତର ସୁପ୍ରକାଶ ମଣ୍ଡଳ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସିଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର

ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ଏହା ଉପଲବ୍ଧ ହେବ।

## ଜି.ଏସ୍. ରିଫର୍ମସ - ୫ ପର୍ସେଣ୍ଟ ସେକ୍ଟର

ଚଳିତବର୍ଷ ସ୍ୱାଧୀନତା ଦିବସ ଅବସରରେ ଐତିହାସିକ ଲାଲ୍‌କିଲ୍ଲାରୁ ଅଭିଭାଷଣ ଦେବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳି ସୁଦ୍ଧା ଆଗାମୀ ପିଢ଼ି ଲାଗି ବସ୍ତୁ ଓ ସେବାକର - ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ ହେବା ସମ୍ପର୍କରେ ଘୋଷଣା କରିଥିଲେ । ଚଳିତ ମାସ ୩ ତାରିଖରେ ଅନୁଷ୍ଠିତ ଜି.ଏସ୍.ଟି. ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ଟିକସ ହାରକୁ ହ୍ରାସ କରାଯାଇଛି । ଆଜି ଆସନ୍ତୁ ନଜର ପକାଇବା ୧୨ ପ୍ରତିଶତ ଜି.ଏସ୍.ଟି.ରୁ ୫ ପ୍ରତିଶତକୁ ହ୍ରାସ ପାଇଥିବା କେତେକ ପ୍ରମୁଖ ଦ୍ରବ୍ୟ ଉପରେ :

ଗ୍ଲୋଭ୍‌ସ, କ୍ରୀଡ଼ା ସରଞ୍ଜାମ, ସାଧାରଣ ବ୍ୟାୟାମ କରିବା ଲାଗି ଆବଶ୍ୟକ ଯନ୍ତ୍ରପାତି ସମେତ ବିଭିନ୍ନ କ୍ରୀଡ଼ା ଉପକରଣ ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ଏହିସବୁ ଉପକରଣ ଜନସାଧାରଣଙ୍କୁ କେବଳ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ନାହିଁ; ବରଂ କ୍ରୀଡ଼ା ମାଧ୍ୟମରେ ବାଲ୍ୟାବସ୍ଥାକୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ ।

ଏହାଛଡ଼ା ଜି.ଏସ୍.ଟି. ପରିଷଦ ବିଭିନ୍ନ କୃଷିଭିତ୍ତିକ ବାଉଁଶ ଉତ୍ପାଦ ଉପରେ ମଧ୍ୟ ଟିକସକୁ ୧୨ରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । ଏହାଦ୍ୱାରା ବାଉଁଶରେ ବିଭିନ୍ନ ସାମଗ୍ରୀର ନିର୍ମାଣ ପ୍ରକ୍ରିୟା ପ୍ରୋତ୍ସାହନ ମିଳିବ । ଏହି ନୂତନ ଟିକସ ଦର ଆସନ୍ତା ୨୨ ତାରିଖରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ ବୋଲି ଜି.ଏସ୍.ଟି. ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି ।

*****